**ଜିଆର୍‌ଏସ୍ ବଦଳି ନେଇ ଦାବିପତ୍ର**

ବସ୍ତା,(ଡି.ଏନ.ଏ.)- ବସ୍ତା ବ୍ଲକ ବାସୁଦେକୁରାଇ ପଞ୍ଚାୟତରେ କାର୍ଯ୍ୟରତ ଜିଆର୍‌ଏସ୍‌ଙ୍କ ବଦଳି ଦାବି ତେଜିବାରେ ଲାଗିଛି। ମଙ୍ଗଳବାର ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଦାସ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା, ସମିତିସଭ୍ୟ ଶମ୍ଭୁନାଥ ସିଂ, ବ୍ଲକ କିଷାନ କଂଗ୍ରେସ ସଭାପତି ନରେନ୍ଦ୍ର ଦାସ, ବସ୍ତା ଛାତ୍ର କଂଗ୍ରେସ ନେତା ଦ୍ୟୁତିକୃଷ୍ଣ ଦାସ ମହାପାତ୍ର, ମାୟାଧର ବେହେରା, ଅଜୟ କୁମାର ଦାସ ପ୍ରମୁଖ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଜିଆର୍‌ଏସ୍ ଦୀପକ ରାଉତ ତଦନ୍ତରେ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।



# ନୀଳମଣି କଲେଜରେ ଛାତ୍ର ଅଶାନ୍ତି

## ଯୁକ୍ତ ଦୁଇ ରି-ଆଡ୍‌ମିଶନ ଫି’ ଛାଡ଼ ଦାବିରେ ଧାରଣା

ରୂପସା, ୩୧।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ନୀଳମଣି ମହାବିଦ୍ୟାଳୟରେ ମଙ୍ଗଳବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ଓ ବିଜ୍ଞାନ ଶ୍ରେଣୀର ରିଆଡ଼ମିଶନ ଫି ଛାଡ଼ ସହ ତାରିଖ ଘୁଞ୍ଚାଇବା ଦାବିରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଅଧକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ସମସ୍ୟାର ସମାଧାନ ନ ହେବାରୁ କଲେଜ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ର ଧାରଣାରେ ବସିରହିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


ଛାତ୍ରୀଛାତ୍ର କଲେଜ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କରୋନା ସମୟରେ ଛାତ୍ରୀଛାତ୍ରଙ୍କ ପରିବାରର ଆର୍ଥିକ ମାନଦଣ୍ଡ ଭୁଶୁଡ଼ି ପଡ଼ିଥିବା ଓ ୧ ବର୍ଷ ଧରି କଲେଜ ବନ୍ଦ ରହିଥିବା କାରଣ ଦର୍ଶାଇ ମାସିକ ଦରମା ସହ ଏହି ଫି’ ଛାଡ଼ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଘଟଣାସ୍ଥଳରେ ଓଆଇସି କମଳାକାନ୍ତ ଦାସ, ଏଏସ୍‌ଆଇ ହେମନ୍ତ ଦେବ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଉତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଅଧକ୍ଷ ଭୋଇ ଏ ସମ୍ପର୍କରେ ଗଭର୍ନିଂ ବଡ଼ି ମିଟିଂରେ ଆଲୋଚନା ପୂର୍ବକ ଚେୟାରମ୍ୟାନ ଉପଜିଲାପାଳଙ୍କୁ ଜଣାଇ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ନୋଟିଫିକେଶନ ପରେ ରିଆଡ଼ମିସନ ହେବ ବୋଲି କୁହାଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଲୋଚନା ବେଳେ ପ୍ରଶାସନିକ ଅଧିକାରୀ ଡ. ତପନ କୁମାର ବେହେରା, ଡ. ପ୍ରସନ୍ନ ମନ୍ତ୍ରୀ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ସତ୍ୟେନ୍ଦ୍ର କୁମାର ପାଲ, ଲକ୍ଷୀରାମ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱରରେ ସେରୋ ସର୍ଭେ ଟିମ୍

## ସ୍ୱାସ୍ଥ୍ୟକର୍ମୀଙ୍କ ପରୀକ୍ଷା ଆରମ୍ଭ

ବାଲେଶ୍ୱର ଅଫିସ, ୩୧।୮

ବାଲେଶ୍ୱର ଫକୀରମୋହନ ମେଡ଼ିକାଲ କଲେଜ ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ୫ଜଣିଆ ସେରୋ ସର୍ଭେ ଟିମ୍ ପହଞ୍ଚିଛନ୍ତି। ସେରୋ ସର୍ଭେ ପାଇଁ ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିରୁ ବାଲେଶ୍ୱର ଆସି ପହଞ୍ଚିଛନ୍ତି ୫ଜଣିଆ ସେରୋ ସର୍ଭେ ଟିମ୍। ଏହି ସର୍ଭେ ୩୧ ଅଗଷ୍ଟରୁ ଆରମ୍ଭ ହୋଇ ୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସର୍ଭେ ଟିମ୍ ୫୦୦ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରିବେ। ପ୍ରଥମ ୧୦୦ଟି ରକ୍ତ ନମୁନା ସ୍ୱାସ୍ଥ୍ୟକର୍ମୀଙ୍କଠାରୁ ଓ ବିଭିନ୍ନ ସ୍ଥାନରୁ ୪୦୦ଟି ରକ୍ତ ନମୁନା ସଂଗ୍ରହ କରିବେ। ସେଥିପାଇଁ ଜିଲାର ବିଭିନ୍ନ ବ୍ଲକରେ ୧୦ କ୍ଲଷ୍ଟରକୁ ଚିହ୍ନଟ କରାଯାଇଛି।

ମଙ୍ଗଳବାର ପ୍ରଥମ ଦିନରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପାରା ମେଡିକାଲ ଷ୍ଟାଫ୍, ସିକ୍ୟୁରିଟି ଏବଂ ସନିଟାଇଜେଶନ୍ ଷ୍ଟାଫଙ୍କ ନମୁନା ସଂଗ୍ରହ କରାଯାଇଥିବା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦ୍ଦେବ କହିଛନ୍ତି ଯେ, କୋଭିଡ୍‌ରେ ଆକ୍ରାନ୍ତ ଓ ଆକ୍ରାନ୍ତ ନ ହୋଇଥିବା ବ୍ୟକ୍ତିଙ୍କ ସହ ୧୦ବର୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ଏହି ସେରୋ ସର୍ଭେରେ ସାମିଲ କରାଯିବ।


ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ରକ୍ତ ନମୁନା ସଂଗ୍ରହ କରାଯାଉଛି।

# ଯୌତୁକ ପାଇଁ ବଧୂହତ୍ୟା ଉଦ୍ୟମ ଅଭିଯୋଗ

ସାରସକଣା,୩୧।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅନ୍ତର୍ଗତ ମୁରୁଣିଆ ଗ୍ରାମରେ ଯୌତୁକ ଦାବିରେ ବଧୂହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ବାପଘର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୧୯୦/୨୧)ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟ ବହଡ଼ାଗୁଡା ଥାନା ଅନ୍ତର୍ଗତ ଘଟବୁଡ଼ା ଗ୍ରାମର ଅଶୋକ କୁମାର ମାଇତିଙ୍କ ଝିଅ ଶାନ୍ତିପ୍ରିୟା(୨୮)ଙ୍କୁ ମୁରୁଣିଆ ଗ୍ରାମର ଭିକାରୀ ପାତ୍ରଙ୍କ ପୁଅ ଅନିରୁଦ୍ଧ ୨୦୧୫ରେ ବିବାହ କରିଥିଲେ। ଅନିରୁଦ୍ଧ ଭୁବନେଶ୍ୱରରେ କାମ କରୁଥିବା ବେଳେ ଶାନ୍ତିପ୍ରିୟା ଗାଁରେ ଶ୍ୱଶୁର, ଶାଶୁ ଓ ଦିଅରଙ୍କ ସହିତ ରହିଆସୁଥିଲେ। ସେମାନେ ଅଧିକ ଯୌତୁକ ଆଣିବାକୁ ଦାବି କରିବା ସହିତ ଶାନ୍ତିପ୍ରିୟାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ମଙ୍ଗଳବାର ସକାଳେ ଶ୍ୱଶୁର ଓ ଶାଶୁ ମିଶି ଶାନ୍ତିପ୍ରିୟାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଝାରପୋଖରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶାନ୍ତିପ୍ରିୟାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ଅନ୍ୟପକ୍ଷରେ ପାରିବାରିକ ଅଶାନ୍ତି ଯୋଗୁ ସେ ନିଜ ଦେହରେ କିରୋସିନ ଢାଳି ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଶ୍ୱଶୁର ଭିକାରୀ ପାତ୍ର କହିଛନ୍ତି।


ସେଲ୍ଫି ପଏଣ୍ଟରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ।

# ଭଦ୍ରକରେ ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୩୧।୮–** ଭଦ୍ରକ ସହରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମଙ୍ଗଳବାର ଆଇ ଲଭ ଭଦ୍ରକ ସେଲ୍ଫିପଏଣ୍ଟର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେଲ୍ଫିପଏଣ୍ଟକୁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଉଦ୍‌ଘାଟନ କରିଛନ୍ତି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ପ୍ରଫୁଲ୍ଲ ସାମଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଭଦ୍ରକ ସହରକୁ ସୌନ୍ଦର୍ଯ୍ୟକରଣ କରିବା, ଟ୍ରାଫିକ ନିୟମ ମାନିବା, ପରିମଳ ସମ୍ପର୍କରେ ସଚେତନ ରହିବା ପାଇଁ ବିଧାୟକଙ୍କ ଏଭଳି ପ୍ରୟାସକୁ ସାଧାରଣରେ ସ୍ୱାଗତ କରାଯାଇଛି। ଏହି ସେଲ୍ଫି ପଏଣ୍ଟଟି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଉନ୍ନତ ମାନର ଲାଇଟ ସହ ଅତ୍ୟାଧୁନିକ ପ୍ରଣାଳୀରେ ଘାସ ଗାଲିଚା ଲଗାଯାଇଛି। ଭଦ୍ରକ ସହରକୁ କିପରି ସରସ ସୁନ୍ଦର କରାଯାଇପାରିବ, ସେନେଇ ଧୀରେ ଧୀରେ ସମସ୍ତ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରାଯାଉଛି। ଆଗାମୀ ଦିନ ମାନଙ୍କରେ ଅନେକ ପ୍ରକଳ୍ପ ହାତକୁ ନିଆଯିବ ବୋଲି ବିଧାୟକ ମଲ୍ଲିକ କହିଛନ୍ତି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଯୋଗ ଦେଇଥିଲେ ।

# ଅଭିଯୁକ୍ତଙ୍କ ଗିରଫ ଦାବି କଲା ଭାଜପା ମହିଳାମୋର୍ଚ୍ଚା

## ମହିଳାଙ୍କୁ ଅସଦାଚରଣ ମାମଲା

ଯୋଡ଼ା,୩୧।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅସଦାଚରଣ ଓ ଜାତିଆଣ ଆକ୍ଷେପ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ଜିଲା ଭାଜପା ମହିଳା ମୋର୍ଚ୍ଚା କହିଛି। ଏନେଇ ମଙ୍ଗଳବାର ମୋର୍ଚ୍ଚାର ସଭାନେତ୍ରୀ ମମତା ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ମହିଳାଙ୍କ ଘରକୁ ଯାଇ ତାଙ୍କୁ ଭେଟିବା ସହିତ ବାମେବାରି ଥାନା ଓଆଇସି ଅମିତ ଭୂୟାଁଙ୍କୁ ମଧ୍ୟ ଭେଟି ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ। ବୁଧବାର ବଡ଼ବିଲ ଏସ୍‌ଡିପିଓଙ୍କୁ ଭେଟିବେ ବୋଲି ସଭାନେତ୍ରୀ ସିଂ କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୨ ତାରିଖରେ ଉକ୍ତ ଅଞ୍ଚଳର ଜଣେ ମହିଳା ଚାଷ କାମ କରୁଥିବାବେଳେ ସେହି ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ଏନେଇ ବାମେବାରି ଥାନାରେ ଏକ ମାମଲା (ନଂ ୧୦୭/୨୦୨୧) ରୁଜୁ ହୋଇଛି। ତେବେ ଅଭିଯୋଗର ୧୦ଦିନ ବିତିଯାଇଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ଜିଲା ଭାଜପା ମହିଳା ମୋର୍ଚ୍ଚା ଟିମ୍ ଅଭିଯୋଗ କରିଛି। ଏସମ୍ପର୍କରେ ବଡ଼ବିଲ ଏସଡିପିଓ ସୁଧାଂଶୁ ଭୂଷଣ ବେହେରା କହିଛନ୍ତି, ପୋଲିସ ତଦନ୍ତ କରୁଛି। ଗତ ୨୫ରେ ବଡକାଳୀମାଟି ଗ୍ରାମରେ ଏକ ନାବାଳିକା ମୃତ୍ୟୁକୁ ନେଇ ମହିଳା ମୋର୍ଚ୍ଚା ଟିମ ତାଙ୍କ ପରିବାର ଲୋକଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ।


**ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଭୁବନେଶ୍ୱର ସୁନ୍ଦରପୁର ମୌଜା ସ୍ଥିତ ହାଲ୍ ପ୍ଲଟ ନଂ - ୧୭୯, ୧୮୦, ୧୮୦/୩୪୭୦, ୧୮୧, ୧୮୪, ୧୯୨, ୧୯୩, ୧୯୪ ଓ ୨୦୪ ରେ ଆମର ଏକ ବାସଗୃହ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି । ଏ ସମ୍ପର୍କିତ ଚିଠିର ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରେ ଉପଲବ୍ଧ ଅଛି । ଏତଦ୍ ବ୍ୟତିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବ୍‌ସାଇଟ୍ http://www.envfor.nic.in ରେ ମଧ୍ୟ ଉପଲବ୍ଧ ।

ଆମ ଠିକଣା

ଡି.ଏନ୍. ହୋମସ୍ (ପ୍ରା) ଲି:., ପ୍ଲଟ୍ ନଂ-୧୫, ଭିଆଇପି କଲୋନି, ନୂଆପଲ୍ଲି, ଭୁବନେଶ୍ୱର - ୭୫୧୦୧୫, ଫୋନ୍ ନଂ - ୦୬୭୪ - ୨୫୫୧୩୦୩



**ଓଡ଼ିଶା ସାହିତ୍ୟ ଏକାଡେମୀ**

ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧ ୦୧୪

ଓଡ଼ିଶା ସାହିତ୍ୟ ଏକାଡେମୀର ବିଭିନ୍ନ ପୁସ୍ତକ ପ୍ରକାଶନ ନିମନ୍ତେ ଆଗ୍ରହୀ ପ୍ରତିଷ୍ଠିତ ମୁଦ୍ରଣ ସଂସ୍ଥାଙ୍କଠାରୁ ବିଭିନ୍ନ ଆକୃତିର ଭିନ୍ନ ଭିନ୍ନ ପଦ୍ଧତିରେ ମୁଦ୍ରଣ, ବନ୍ଧେଇ ଓ କାଗଜ ଯୋଗାଣ ନିମନ୍ତେ ଦର ତାଲିକା ଆହ୍ୱାନ କରୁଛନ୍ତି। ଇଚ୍ଛୁକ ମୁଦ୍ରଣ ସଂସ୍ଥାର ସତ୍ୱାଧିକାରୀମାନେ www.odishasahityaakademi.orgକୁ ପରିଦର୍ଶନ କରି ପୁସ୍ତକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ତଥ୍ୟ ଅବଗତ ହୋଇପାରିବେ। ଦରତାଲିକା ଦାଖଲର ଶେଷ ତାରିଖ ତା ୧୫ ସେପ୍ଟେମ୍ବର ୨୦୨୧ ଧାର୍ଯ୍ୟ କରାଯାଇଛି।

ସଚିବ

ଓଡ଼ିଶା ସାହିତ୍ୟ ଏକାଡେମୀ


# ନୟନଯୋରିରେ ପଡ଼ିଲା ବନ୍ଧୁକ

## ରାଜ୍ୟ ରାଜପଥରେ ପୋଲିସ୍-ଦୋକାନୀ ମୁହାଁମୁହିଁ

ଜଳେଶ୍ୱର, ୩୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ନିକଟ ୫୭ନଂ. ରାଜ୍ୟ ରାଜପଥର ଭୁରୁକୁଣ୍ଡା ସ୍କୁଲ ଛକଠାରେ ସାମାନ୍ୟ କଥାକୁ ଜଣେ ଦୋକାନୀ ଓ ରିଜର୍ଭ ପୋଲିସର ୨ କନଷ୍ଟେବଲଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ସେମାନଙ୍କ ମଧ୍ୟରୁ ଜଣେ ପୋଲିସ କର୍ମଚାରୀ ଦୋକାନୀଙ୍କ ମୁଣ୍ଡରେ ବନ୍ଧୁକ ଦେଖାଇ ଧମକ ଦେଇଥିଲେ। ଏହି ସମୟରେ ଗ୍ରାମବାସୀ ପହଞ୍ଚି ପୋଲିସ ହାତରୁ ବନ୍ଧୁକ ଛଡାଇ ନେଇ ନୟନଯୋରୀକୁ ଫୋପାଡି ଦେଇଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ଜଳେଶ୍ୱର ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି ଓ ପ୍ରଶିକ୍ଷଣରେ ଥିବା ଜଣେ ଡିଏସ୍‌ପି ପହଞ୍ଚି ପାଣି ଭିତରୁ ବନ୍ଧୁକ ବାହାର କରିବା ସହ ୨ କର୍ମଚାରୀଙ୍କୁ ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ଆଇଆଇସିଙ୍କୁ ପଚାରିବାରୁ ସେମାନେ ରିଜର୍ଭ ପୋଲିସ୍‌ରେ ଥିବାରୁ ସେ କିଛି କହିପାରିବେ ନାହିଁ ବୋଲି କହିଥିଲେ। ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଏହାର ତଦନ୍ତ ଚାଲିଥିବା କହିଛନ୍ତି। ଦୋକାନୀଜଣକ ହେଲେ ସନ୍ନ୍ୟାସୀ ଦେ। ସେ ପାଣି ବାଲ୍‌ଟି ଧରି ରାସ୍ତା ପାର୍ ହେଉଥିବା ବେଳେ ଉକ୍ତ ଦୁଇ କନଷ୍ଟେବଲ ସାଦା ପୋଷାକରେ ଏକ ବାଇକ୍‌ରେ ଯାଉଥିଲେ। ସନ୍ତୋଷ ବାରିକ ନାମକ କନଷ୍ଟେବଲ ଦୋକାନୀ ସନ୍ନ୍ୟାସୀଙ୍କୁ ପ୍ରଥମେ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ସନ୍ନ୍ୟାସୀ ଓ ନିକଟସ୍ଥ ଗ୍ରାମର କେତେଜଣ ଯୁବକଙ୍କ ସହିତ ଉଚ୍ଚବାଚ ହେବାରୁ ଅଭିଜିତ୍ ଜେନା ନାମକ ଅନ୍ୟ ଜଣେ ପୋଲିସ୍ ଏକ ବନ୍ଧୁକ ସନ୍ନ୍ୟାସୀଙ୍କ ମୁଣ୍ଡରେ ରଖି ଧମକ ଦେଇଥିଲେ।


**TENDER NOTICE**

**STATE INSTITUTE OF HOTEL MANAGEMENT**
**TITILAGARH ROAD, BALANGIR - 767001 (ODISHA)**

No. 295/SIHM/2021-22/TENDER Date: 31/08/2021

Sealed quotations are invited from the reputed business houses dealing with Hotel Management student Uniform.

Interested parties may kindly send their details to O/o Principal, State Institute of Hotel Management, Titilagarh Road, Balangir - 767001 (Odisha) by Speed Post / Courier on or before 15.09.2021 till 2.00 p.m.

For further details kindly visit our website **www.sihmbalangir.org**

Sd/-
Principal


# ଅର୍ଥ ଲଗାଣକାରୀ ସଂସ୍ଥା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍

ସୋର,୩୧।୮(ଡି.ଏନ.ଏ)

ବାଲେଶ୍ୱର ଜିଲା ସୋର-ନୀଳଗିରି ରାସ୍ତାର ମାଣତ୍ରୀ ଗ୍ରାମ ନିକଟରେ ମଙ୍ଗଳବାର ଏକ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କୁ ୩ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲ ଦେଖାଇ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି। ସୋରସ୍ଥିତ ‘ବନ୍ଧନ’ ସଂସ୍ଥାର କର୍ମଚାରୀ ସନ୍ଦୀପ କୁମାର ଜେନା ସନ୍ତରାଗଡ଼ିଆ, ଚିନ୍ତାମଣିପୁର ସମେତ ବିଭିନ୍ନ ଗ୍ରାମରୁ ଋଣ ଟଙ୍କା ଆଦାୟ କରି ବାଇକ୍‌ରେ ଫେରୁଥିବା ସମୟରେ ମାଣତ୍ରୀ ଗ୍ରାମ ନିକଟସ୍ଥ ନିଛାଟିଆ ଜାଗାରେ ପୂର୍ବରୁ ଜଗି ରହିଥିବା ୩ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ବନ୍ଧୁକ ଏବଂ ଭୁଜାଲି ଦେଖାଇ ଭୟଭୀତ କରିବା ସହିତ ତାଙ୍କଠାରୁ ୮୦ ହଜାର ଟଙ୍କା, ଟ୍ୟାବ୍‌ଲେଟ୍ ମୋବାଇଲ ଏବଂ ଦରକାରୀ କାଗଜପତ୍ର ଥିବା ବ୍ୟାଗଟିକୁ ଛଡ଼ାଇ ନେଇ ବାଇକ୍ ଯୋଗେ ପଳାଇ ଯାଇଥିଲେ। ଖବରପାଇ ସୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


**ସମ୍ବଲପୁରୀ ବସ୍ତ୍ରାଳୟ**

**ମେଗା କ୍ଲିୟରେନ୍ସ ସେଲ୍**

ସ୍ଥାନ: ୧. କଲ୍ୟାଣ ମଣ୍ଡପ, ବରଗଡ଼, ୨. ଖଣ୍ଡାଡ଼ିପ ଛକ, ରେଢ଼ାଖୋଲ, ୩. ଅଗ୍ନିଶିଖା ପ୍ରେସ୍, ଗେଟିରୋଡ୍, ସମ୍ବଲପୁର

ସରକାରୀ ରିହାତି

**20%+20%**

ଏହି ରିହାତି କେତେକ ସ୍ୱତନ୍ତ୍ର ଲୁଗା ଉପରେ ଉପଲବ୍ଧ ଅଟେ ।

ଅବଧି

ତା୦୧।୦୯।୨୦୨୧ ରୁ ତା୦୮।୦୯।୨୦୨୧ ପର୍ଯ୍ୟନ୍ତ

ଏତଦ୍ ବ୍ୟତୀତ ସମିତିର ସମସ୍ତ ବିକ୍ରୟ କେନ୍ଦ୍ରମାନଙ୍କରେ

**10%+20%**

ସରକାରୀ ରିହାତିର ସୁଯୋଗ ନିଅନ୍ତୁ ।

ଅନ୍‌ଲାଇନ ବିକ୍ରୟ ନିମ୍ନୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ଅଟେ ।

**www.sambalpuribastralaya.com**








**RAVENSHAW UNIVERSITY**
(State University, Accredited with NAAC's 'A' Grade)
CUTTACK - 753003, ODISHA

**U.G. ADMISSION ANNOUNCEMENT 2021-22**

No. CAD-1045: Online Applications are invited for admission into the following **Under Graduate Programmes** for the session 2021-22: Botany, Zoology, Physics, Chemistry, Computer Science, Geography (Science & Arts), Geology, Economics (Science & Arts), Mathematics (Science & Arts), Statistics (Science & Arts), Commerce, Education, English, Hindi, History, Odia, Philosophy, Political Science, Psychology, Sanskrit, Sociology, Business Administration, Information Science & Telecommunication, Information Technology Management, Data Science Management and Journalism & Mass Communication.

**Integrated B.A. B.Ed. and B.Sc. B.Ed. Programmes** for the session 2021-22: Education, English, Odia, History, Political Science, Geography, Economics, Physics, Chemistry, Botany, Zoology and Mathematics.

Candidates are advised to visit the University website **"www.ravenshawuniversity.ac.in"** and log on to **'ADMISSION-21'** for complete information and admission prospectus including important dates, deadlines, fees, application procedures, eligibility and selection criteria.

Last date of online submission of application is extended upto 04.09.2021.

**No. 2625/ Dt.31.08.2021**

**Chairperson, P.G. Council**
**Ravenshaw University**

OIPR-11008/11/0005/2122

## ରଙ୍ଗପତିରେ ତାରାରୋପଣ

ସୋର,(ଡି.ଏନ.ଏ): ସୋର ବ୍ଲକ ରଙ୍ଗପତି ଗ୍ରାମରେ ଆଦର୍ଶ ଯୁବ ପରିଷଦ ପକ୍ଷରୁ ତାରାରୋପଣ ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ରାସ୍ତା କଡ଼ରେ ଆମ୍ବ, ପଣସ, ପିଜୁଳି, ବଉଳ, ନିମ୍ବ ଇତ୍ୟାଦି ଶତାଧିକ ତାରାରୋପଣ ସହ ରଙ୍ଗପତି ମନ୍ଦିର ପରିସର ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଞ୍ଜୟ ନାୟକ, ପଦ୍ମଲୋଚନ ତିଆଡ଼ି, ଚନ୍ଦ୍ରକାନ୍ତ ଧଡ଼ା, ସସ୍ମିତା ଚାନ୍ଦ, ଶଶାଙ୍କ ବେହେରା, ବିଶ୍ୱନାଥ ରଣା, ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଲଙ୍ଗଳେଶ୍ୱର, ୩୧।୮(ଡି.ଏନ.ଏ.): ବାଲିଆପାଳ ବ୍ଲକ କୁଣ୍ଡୁଳୀ ପଞ୍ଚାୟତ ମହାପଦା ଗ୍ରାମର ସମ୍ଭୁଡ଼ି ବେହେରାଙ୍କ ସ୍ତ୍ରୀ ବୃନ୍ଦାବତୀ(୩୬) ସାପ କାମୁଡାରେ ପ୍ରାଣ ହରାଇଛନ୍ତି। ବୃନ୍ଦାବତୀ ଗତ ୨୫ତାରିଖ ଅପରାହ୍ନରେ ବିଲକୁ ଚାଷକାର୍ଯ୍ୟ ପାଇଁ ଯାଇଥିଲେ। ବିଲ ବାଛୁଥିବା ବେଳେ ଏକ ବୋଡା ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ବୃନ୍ଦାବତୀଙ୍କ ପରିବାର ଲୋକେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ ମହିଳାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ବୃନ୍ଦାବତୀଙ୍କର ଦୁଇ ନାବାଳକ ପୁଅ ଅଛନ୍ତି। ବୃନ୍ଦାବତୀଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପୋଚ, ମହୁଲି ମଦ ଜବତ: ଜଣେ ଗିରଫ

ସଜନାଗଡ଼,୩୧।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରିରେ ଚୋରା ମଦ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ଏନେଇ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଅତର୍କିତ ଭାବେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ପୋଚ, ମହୁଲି ମଦ ସହ ଜଣକୁ ଗିରଫ କରାଯାଇଛି। ସେ ହେଲେ ବରହମପୁର ଅଞ୍ଚଳ ମହୁଲବଣି ଗ୍ରାମର କୃପା ମାରାଣ୍ଡି। ବାଲେଶ୍ୱର ଅବକାରୀ ବିଭାଗ ଅଧକ୍ଷଙ୍କ ନିର୍ଦ୍ଦେଶରେ ନୀଳଗିରି ଅବକାରୀ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ନୀଳଗିରି ବ୍ଲକ ଅନ୍ତର୍ଗତ ସିଆଡ଼ିମାଳ ଅଞ୍ଚଳରୁ ୯୫୦ ଲିଟର ମହୁଲି ମଦ, ୨୮୦୦ଲିଟର ପୋଚ ଓ ରନ୍ଧା ସରଞ୍ଜାମ ଜିନିଷ ଜବତ ହୋଇଛି।

### ୩ କ୍ୟାମ୍ପରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ

ବାଲେଶ୍ୱର ଅଫିସ, ୩୧।୮: ବାଲେଶ୍ୱର ଜିଲା ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଆଖି ଆଗରେ ରଖି ସାମାଜିକ କର୍ମୀ ସଲିମ୍ ରାଜାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଗୋଟିଏ ସପ୍ତାହରେ ତିନୋଟି କ୍ୟାମ୍ପ କରାଯାଇ ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଜ୍ୟୋତି ପ୍ରକାଶ ଦେ, ସେକ୍ ୟୁନୁଶ, ବିଶ୍ୱଜିତ୍ ବେହେରା, ହ୍ରିତିକ୍ ନାୟକ, ଆନନ୍ଦ ସକୁନିୟା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡାକ୍ତରଖାନାରେ ରୋଗୀଙ୍କୁ ବ୍ୟାଙ୍କ ସେବା



ବାଲେଶ୍ୱର ଅଫିସ,୩୧।୮: ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ନିକଟକୁ ଯାଇ ବ୍ୟାଙ୍କ ସେବା ଯୋଗାଇ ଦେଇଛି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ। ରେମୁଣା ବ୍ଲକ ଗୋବିନ୍ଦପୁର ଗାଁର ନିଶାମଣି ଭୋଇ କିଛିଦିନ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଅଛନ୍ତି। ପକ୍ଷାଘାତ ରୋଗରେ ଚିକିତ୍ସା ହେଉଥିବା ବେଳେ ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର ପାଇଁ କହିଥିଲେ। ନିଶାମଣିଙ୍କ ନିକଟରେ ଟଙ୍କା ନ ଥିବା ଓ ଦୁଇଦିନ ଧରି ବ୍ୟାଙ୍କ ସେବା ବନ୍ଦ ରହିଥିବା ହେତୁ ସେ ଚିନ୍ତାରେ ପଡ଼ିଯାଇଥିଲେ। ନିଜାମପୁର ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଟଙ୍କା ରଖିଛନ୍ତି। କିନ୍ତୁ ଦୁଇଦିନ ଧରି ବ୍ୟାଙ୍କ ସେବା ବନ୍ଦ ଥିବା ବେଳେ ସେ ବ୍ୟାଙ୍କ ଯାଇ ଟଙ୍କା ଉଠାଇବା ଅସମ୍ଭବ ଥିଲା। ସମ୍ପର୍କୀୟଙ୍କଠାରୁ ଏହି ଖବର ପାଇ ବ୍ୟାଙ୍କ କର୍ମଚାରୀ ହସ୍‌ପିଟାଲରେ ପହଞ୍ଚିଥିଲେ। ତାଙ୍କ ଜମା ଟଙ୍କାରୁ ୧୦ହଜାର ଟଙ୍କା କାଢ଼ି ଦେଇଥିଲେ। ଫଳରେ ନିଶାମଣିଙ୍କ ଅଧିକ ଚିକିତ୍ସା ସମ୍ଭବ ହୋଇଥିଲା। ବ୍ୟାଙ୍କର ଏପରି ସେବାକୁ ପରିବାର ଲୋକେ ଧନ୍ୟବାଦ ଜଣାଇଛନ୍ତି।

# ଜୀବିକା ହରାଇ ୧୦ ହଜାର କର୍ମଚାରୀ ଦୁର୍ଦ୍ଦିନରେ

## ଶିଳ୍ପାନୁଷ୍ଠାନ ବନ୍ଦ: ପୁନଃ କାର୍ଯ୍ୟକ୍ଷମ ଦାବିରେ ବିକ୍ଷୋଭ

ବାଲେଶ୍ୱର ଅଫିସ, ୩୧।୮




ଶିଳ୍ପାନୁଷ୍ଠାନ କାର୍ଯ୍ୟକ୍ଷମ ଦାବିରେ ଫ୍ୟୁଚର ବାଲେଶ୍ୱର ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାଲେଶ୍ୱର ଜିଲାର ବିର୍ଲା ଟାୟାର୍ସ ଓ ବାଲେଶ୍ୱର ଆଲୟେଜ୍ ଭଳି ବୃହତ ଶିଳ୍ପ ଅନୁଷ୍ଠାନ ଦୀର୍ଘଦିନ ଧରି ବନ୍ଦ ହୋଇପଡ଼ିଥିବାରୁ ୧୦ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଜୀବିକା ହରାଇ ଆର୍ଥିକ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଜିଲାରେ ଶିଳ୍ପାୟନଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ ଦାବି କରି 'ଫ୍ୟୁଚର ବାଲେଶ୍ୱର' ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରାଯାଇଛି।

୧୯୮୪ରେ ରେମୁଣା ବାଲଗୋପାଳପୁରସ୍ଥିତ ଶିଳ୍ପାଞ୍ଚଳରେ ବାଲେଶ୍ୱର ଆଲୟେଜ ପ୍ରତିଷ୍ଠା ହୋଇ ୧୯୮୬ଠାରୁ କାର୍ଯ୍ୟକ୍ଷମ ହୋଇଥିଲା। କାରଖାନାରୁ ଫେରକ୍ରମ୍ ଉତ୍ପାଦନ କରାଯାଉଛି। ରାଜ୍ୟରେ ନିଜସ୍ୱ ଖଣି ଥିବାରୁ କଞ୍ଚାମାଲ୍‌ର କୌଣସି ଅଭାବ ନାହିଁ। କିନ୍ତୁ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ପ୍ରାୟ ୩୫୦କୋଟି ଟଙ୍କା ଦେଇ ନ ପାରିବାରୁ କାରଖାନାର ଦୁରବସ୍ଥା ଦେଖାଦେଇଥିଲା। ୨୦୧୯ ଡିସେମ୍ବର ଠାରୁ କର୍ମଚାରୀଙ୍କ ଦରମା ପ୍ରଦାନ କରାଯାଇ ନାହିଁ। ମହାମାରୀ କରୋନାରେ କମ୍ପାନୀ ପକ୍ଷରୁ ସହାୟତା ମିଳି ନ ଥିବାବେଳେ ସେମାନଙ୍କର ଇପିଏଫ୍, ଗ୍ରାଚ୍ୟୁଇଟି, ଇନ୍‌ସ୍ୟୁରାନ୍ସ, ଟିଡିଏସ୍, ବୋନସ୍ ଓ ଅନ୍ୟାନ୍ୟ ବୈଧାନିକ ଦେୟ ମଧ୍ୟ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଇନାହିଁ। ଉକ୍ତ ୨୦ମାସ ମଧ୍ୟରେ ବହୁ କର୍ମଚାରୀ ରୋଗାଗ୍ରସ୍ତ, ମାନସିକ ଚାପଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଅନେକ କର୍ମଚାରୀ ଅବସରକାଳୀନ ପ୍ରାପ୍ୟ ପାଇବାରୁ ବଞ୍ଚିତ ଅଛନ୍ତି। କର୍ମଚାରୀଙ୍କ ପିଲାମାନଙ୍କର ଭବିଷ୍ୟତ ଅନ୍ଧାର ଭିତରକୁ ଠେଲିଯାଇଛି। କମ୍ପାନୀ କର୍ତ୍ତୃପକ୍ଷ କାରଖାନା ପୁନଃ କାର୍ଯ୍ୟକ୍ଷମ ପ୍ରତିଶ୍ରୁତି ଦେଇ ପାଳନ କରିନାହାନ୍ତି। ଜିଲା ପ୍ରଶାସନ, ରାଜ୍ୟ ଶ୍ରମମନ୍ତ୍ରୀ, ବିଧାୟକ ଓ ଏମ୍‌ପିଙ୍କୁ ଦୁର୍ଦ୍ଦଶା ମଧ୍ୟରେ କର୍ମଚାରୀମାନେ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଅନୁରୂପ ପରିସ୍ଥିତି ବାମପଦାସ୍ଥିତ ବିର୍ଲା ଟାୟାର୍ସ କମ୍ପାନୀରେ। ୧୯୯୦ରୁ କମ୍ପାନୀ କାର୍ଯ୍ୟକ୍ଷମ ହୋଇଥିଲେ ହେଁ ମହାମାରୀ କରୋନା ଭିତରେ କମ୍ପାନୀ ବନ୍ଦ ହୋଇଯାଇଥିବାରୁ ହଜାର ହଜାର ଶ୍ରମିକ ସମଦଶା ଭୋଗୁଛନ୍ତି। ତେଣୁ କାରଖାନା ଦ୍ୱୟର ପୁନଃ କାର୍ଯ୍ୟକ୍ଷମ ପାଇଁ ଦାୟିତ୍ୱ ନେବା ସହ ଶ୍ରମିକମାନଙ୍କର ଜୀବନଜୀବିକା ଫେରାଇବା ପାଇଁ ପ୍ରଶାସନକୁ 'ଫ୍ୟୁଚର୍ ବାଲେଶ୍ୱର' ପକ୍ଷରୁ ନିବେଦନ କରାଯାଇଛି। ସଙ୍ଗଠନ ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ, ଦୁକୁଲ ଚନ୍ଦ୍ର ଘଡ଼ାଇ, ବିଭୁପଦ ଦାସ, ଭବାନୀ ଶଙ୍କର ପଣ୍ଡା, ଆଲୋକ ଦାସ, ସାହିଲ ଗୋଛାୟତ, ରଣଜିତ୍ ବର୍ଦ୍ଧନ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

# ୫ଘଣ୍ଟା ବାହାରେ ଠିଆ ହେଲେ ସରକାରୀ କର୍ମଚାରୀ

ବାହାନଗା, ୩୧।୮(ଡି.ଏନ.ଏ.)

## ଗଣଧାରଣା ୫ମ ଦିନରେ

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ହେବାକୁ ଥିବା ଆଦର୍ଶ ବିଦ୍ୟାଳୟ ଷଠୀଠାରେ ପ୍ରତିଷ୍ଠା ଦାବିରେ ଶୁକ୍ରବାର ବାହାନଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦିଆଯାଇଥିବା ଗଣଧାରଣା ମଙ୍ଗଳବାର ୫ମ ଦିନରେ ପହଞ୍ଚିଛି। ସଚେତନ ନାଗରିକ ମଞ୍ଚ ପକ୍ଷରୁ ବ୍ଲକର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ତାଲା ପକାଇ ବନ୍ଦ କରି ଦିଆଯିବାରୁ ତେବେ ବ୍ଲକକୁ ଆସୁଥିବା ସମସ୍ତ ସରକାରୀ କର୍ମଚାରୀ ଦୀର୍ଘ ୫ ଘଣ୍ଟା ଧରି ବାହାରେ ଛିଡା ହୋଇ ରହିଥିଲେ। ଖବରପାଇ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ସୋର ଥାନା ଅଧିକାରୀ ସୁଜାତା ଖମାରୀ ପହଞ୍ଚି ମଞ୍ଚର ସଦସ୍ୟମାନଙ୍କୁ ବୁଝାଶୁଝା କରିବା ପରେ ଦିନ ଗୋଟାଏ ବେଳେ ବ୍ଲକର ସମସ୍ତ କାର୍ଯ୍ୟାଳୟ ଗୃହକୁ ଖୋଲିଥିଲେ। କର୍ମଚାରୀମାନେ ନିଜ କକ୍ଷକୁ ଯାଇ କାର୍ଯ୍ୟ ତୁଲାଇଥିଲେ।

ଗଣଧାରଣାରେ ସଚେତନ ନାଗରିକ ମଞ୍ଚ ସଭାପତି ଖଗପତି ଯେନା, ସମ୍ପାଦକ ନିତ୍ୟାନନ୍ଦ ବାରିକଙ୍କ ସମେତ ୧୯ ନମ୍ବର ଜିଲାପରିଷଦ ସଭ୍ୟ ଇଂ. ଶରତ ଚନ୍ଦ୍ର ରାଜ, ସଭ୍ୟ ବିଶ୍ୱନାଥ ମହାପାତ୍ର, ଶରତ ଚନ୍ଦ୍ର ରଣା, ରତ୍ନାକର ମହାନ୍ତି, ଦେବାନନ୍ଦ ମଳିକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ। ଷଠୀରେ ସମସ୍ତ ପ୍ରକାର ଆବଶ୍ୟକ ଜମି ଥିବା ବେଳେ ସେଠାରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ପାଇଁ ସରକାର ୨ଥର ଟେଣ୍ଡର ଡାକିଥିଲେ ମଧ୍ୟ ଘର ନିର୍ମାଣ ନ କରି ଷଠୀରୁ ଗୋପାଳପୁର ପଞ୍ଚାୟତର ଯାଗେଶ୍ୱରପଦାକୁ ସ୍ଥାନାନ୍ତରିତ କରିବାକୁ ବିରୋଧ କରି ଧାରଣା ଦେଇଛନ୍ତି।



ବ୍ଲକ ପରିସରରେ ଗଣଧାରଣା ଦିଆଯାଉଛି।

# 'ଏଫ୍ଏମ୍ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ହେବ ଚିତ୍ତରଞ୍ଜନ ସାହିତ୍ୟ ଗ୍ୟାଲେରି'



ଅତିଥିମାନଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ କରାଯାଉଛି।

ବାଲେଶ୍ୱର ଅଫିସ, ୩୧।୮

## ୩ ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର ରେମୁଣା ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଭାଷା ଓ ସାହିତ୍ୟ ବିଭାଗ ଏବଂ ପ୍ରଫେସର ଚିତ୍ତରଞ୍ଜନ ଦାସ ସ୍ମୃତିକମିଟି ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଚିତ୍ତରଞ୍ଜନଙ୍କ ସହିତ ନିଜର ବ୍ୟକ୍ତିଗତ ପରିଚିତି ସମ୍ପର୍କିତ ସ୍ମୃତି ଏବଂ ତାଙ୍କର ବହୁମୁଖୀ ପ୍ରତିଭାସମ୍ପନ୍ନ ବ୍ୟକ୍ତିତ୍ୱ ବିଷୟରେ କହିବା ସହ ବିଶ୍ୱବିଦ୍ୟାଳୟରେ ଚିତ୍ତରଞ୍ଜନ ସାହିତ୍ୟ ଗ୍ୟାଲେରି ପ୍ରତିଷ୍ଠା ସମ୍ପର୍କରେ ଘୋଷଣା କରିଥିଲେ। ସମ୍ମାନନୀୟ ଅତିଥି ଭାବରେ ସ୍ନାତକୋତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ଯୋଗଦେଇ ଚିତ୍ତରଞ୍ଜନ ଦାସଙ୍କ ସାରସ୍ୱତ ଜୀବନର ବିଶେଷତ୍ୱ ସମ୍ପର୍କରେ ମତ ଦେଇଥିଲେ। ବକ୍ତା ଭାବେ ଚନ୍ଦ୍ରଭାଗାର କବି ଶ୍ରୀଦେବ ଚିତ୍ତରଞ୍ଜନଙ୍କ ସମ୍ପର୍କରେ ନିଜସ୍ୱ ମତ ଦେଇଥିଲେ। ଆଲୋଚକ ନିରଞ୍ଜନ ଖୁଣ୍ଟିଆ ଯୋଗଦେଇ ଚିତ୍ତରଞ୍ଜନଙ୍କ ବ୍ୟକ୍ତିଗତ ଜୀବନ ଓ ସାହିତ୍ୟିକ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ତିନୋଟି ପୁସ୍ତକ ଶିକ୍ଷା ସନ୍ଧାନ ସମ୍ପାଦନା ଓ ପ୍ରକାଶନରେ 'ପ୍ରଥମ ସକାଳ', ପ୍ରଫେସର ମଣିନ୍ଦ୍ର କୁମାର ମେହେରଙ୍କର 'ଚିନ୍ତାନାୟକ ଚିତ୍ତରଞ୍ଜନ' ଓ ଡ. ଜୟନ୍ତ କୁମାର ଦାସଙ୍କ ସମ୍ପାଦନାରେ 'ସାହିତ୍ୟ ଦରବାରରେ ଭଦ୍ରକ' ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଭାରପ୍ରାପ୍ତ ବିଭାଗ ମୁଖ୍ୟ ଡ. ଦେବାଶିଷ ପାତ୍ର ସଭା ପରିଚାଳନା କରିଥିଲେ। ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ବିଭାଗର ଗବେଷିକା ସ୍ୱାଗତିକା ସାହୁ। ଡ. ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କୋଭିଡ ନିୟମ ଅନୁସାରେ ଏହି ସଭା ଆୟୋଜନ କରାଯାଇଥିଲା। ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ବନ ବିଭାଗ ନର୍ସରିରୁ କରତକଳର ଯନ୍ତ୍ରାଂଶ ଚୋରି

ସଜନାଗଡ, ୩୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବନଖଣ୍ଡ ଅଧୀନ ସଜନାଗଡ଼ ଫରେଷ୍ଟ ନର୍ସରିରେ ଜବତ କରି ରଖାଯାଇଥିବା କରତକଳ ଯନ୍ତ୍ରାଂଶ ଚୋରି ହୋଇଛି। ଏନେଇ ବନବିଭାଗ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ବନବିଭାଗ ନର୍ସରୀରୁ ଚୋରି ହେବା ଘଟଣା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ଚୋରା ବେଆଇନ କରତକଳ ବଢିବାରେ ଲାଗିଛି। ବାଲେଶ୍ୱର ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ମାସକ ମଧ୍ୟରେ ବନବିଭାଗ ନେତୃତ୍ୱରେ ଚଢାଉ କରାଯାଇ ତିନୋଟି କରତକଳ ଏବଂ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଛି। ବନବିଭାଗ ଏହି ଯନ୍ତ୍ରାଂଶଗୁଡ଼ିକୁ ସଜନାଗଡ଼ ଫରେଷ୍ଟ ନର୍ସରୀରେ ରଖିଥିଲେ। ଏହାସହ ବର୍ଷତମାମ ବନବିଭାଗ ଉଦ୍ଧାର କରିଥିବା ଚୋରା କାଠଗାଡି, କେନ୍ଦୁପତ୍ର ଗାଡ଼ି ଏଠାରେ ରହିଥାଏ। ବନବିଭାଗ ପକ୍ଷରୁ ଅହୋରାତ୍ର ପାଳି କରି ସବୁଜବାହିନୀର କର୍ମଚାରୀ ଜଗିଥାଆନ୍ତି। ଏହି ମାସ ମଧ୍ୟରେ ଜବତ ହୋଇଥିବା କରତ କଳର ଯନ୍ତ୍ରାଂଶ ଚୋରି ହୋଇଥିବା ନୀଳଗିରି ବନବିଭାଗର ରେଞ୍ଜର ମନୱାର ଖାଁ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ନର୍ସରୀ ଚାରିପଟେ ତାରବାଡ଼ ଦୁର୍ବଳ ହୋଇଥିବା ବେଳେ ସିସି କ୍ୟାମେରା ନାହିଁ। ଚୋରି ହେବାର ୨୦ଦିନରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ବନବିଭାଗ ହାତ ଖାଲି ରହିଛି।

# ରାଧା ମଦନମୋହନ ମନ୍ଦିରରେ ଜନ୍ମାଷ୍ଟମୀ, ନନ୍ଦୋତ୍ସବ

ବାଲିଆପାଳ, ୩୧।୮(ସ୍ୱ.ପ୍ର.)

ବାଲିଆପାଳ ରାଧା ମଦନମୋହନ ମନ୍ଦିରରେ ମଙ୍ଗଳବାର ନନ୍ଦୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସୋମବାରଠାରୁ ଇସ୍କନ ବୈଷ୍ଣବ ମତ ଅନୁସାରେ ଜନ୍ମାଷ୍ଟମୀ ଉତ୍ସବ ଆରମ୍ଭ ହୋଇ ମଙ୍ଗଳବାର ନନ୍ଦ ଉତ୍ସବ ଓ ବୈଷ୍ଣବ ଇସ୍କନର ପ୍ରତିଷ୍ଠାତା ପ୍ରଭୁପାଦଙ୍କ ଜନ୍ମୋତ୍ସବ କୋଭିଡ୍ ନିୟମ ଅନୁଯାୟୀ ପାଳନ ହୋଇଛି।

ସୋମବାର ସକାଳେ ଆଳତୀ ପରଠାରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ଦ୍ୱାରା ଭଜନ କୀର୍ତ୍ତନ ଆରମ୍ଭ ହୋଇଥିଲା। ଜନ୍ମାଷ୍ଟମୀ ବ୍ରତଧାରୀ ମହିଳାପୁରୁଷ ଭକ୍ତମାନେ ମଧ୍ୟାହ୍ନ ପର୍ଯ୍ୟନ୍ତ ରାଧାକ୍ରୀଷ୍ଣଙ୍କଠାରେ ପୂଜାର୍ଚ୍ଚନା କରୁଥିଲେ। ସନ୍ଧ୍ୟା ସମୟରେ ବହୁ ଭକ୍ତ ଉପସ୍ଥିତ ହୋଇ ମଧ୍ୟରାତ୍ର ପର୍ଯ୍ୟନ୍ତ ଶ୍ରୀକ୍ରୀଷ୍ଣ କହ୍ନେୟାଙ୍କ ଜନ୍ମ ସମୟ ପର୍ଯ୍ୟନ୍ତ ଭଜନ କୀର୍ତ୍ତନ କରିଥିବା ବେଳେ ମଙ୍ଗଳବାର ବ୍ରହ୍ମମୁହୂର୍ତ୍ତଠାରୁ ଯଥା ନୀତିକ୍ରାନ୍ତିରେ ସମସ୍ତ ଉପଚାର ପୂଜା ହେବା ସହିତ ମଧ୍ୟାହ୍ନ ପର୍ଯ୍ୟନ୍ତ ନାମ ସଙ୍କୀର୍ତ୍ତନ କରାଯାଇ ରାଧାମୋହନଠାରେ ଦ୍ୱିପ୍ରହର ପ୍ରସାଦ ଲାଗିଥିଲା। ଉପସ୍ଥିତ ସମସ୍ତ ଭକ୍ତ ରାଧା ମଦନମୋହନଙ୍କ ପ୍ରସାଦ ସେବନ କରିଥିଲେ। ମନ୍ଦିର ପୂଜାର୍ଚ୍ଚନା ଦାୟିତ୍ୱ ପ୍ରଭୁ ଉଜ୍ଜଳ ହରି ଦାସ ତୁଲାଇଥିବା ବେଳେ ହରି କଥାକାର ପ୍ରଭୁ ସତ୍ୟ ଗୌରହରି ଦାସ ଭାଗବତ ଗୀତରେ ବର୍ଣ୍ଣିତ ରାଧାମୋହନଙ୍କ ବିଚିତ୍ର ଲୀଳା ଭକ୍ତମାନଙ୍କୁ ଶୁଣାଇଥିଲେ। ମନ୍ଦିର ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। ଦାସଙ୍କ ସାନଭାଇ ଗୋବିନ୍ଦ ପ୍ରସାଦ ଦାସ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।



ଜନ୍ମାଷ୍ଟମୀ, ନନ୍ଦୋତ୍ସବ ରୀତିନୀତି ଅନୁଯାୟୀ ପାଳନ କରାଯାଇଛି।

# ବାଙ୍ଗାଲୋରରେ ଓଡ଼ିଆ ଯୁବକ ମୃତ

ଖଇରା, ୩୧।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ମାଖନପୁର ପଞ୍ଚାୟତ ମେଦିନପୁର ଗ୍ରାମର ନାରାୟଣ ଶିଅଳ(୨୨)ଙ୍କ ସୋମବାର ରାତିରେ ବାଙ୍ଗାଲୋରରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ବାଙ୍ଗାଲୋର ଇଲେକ୍ଟ୍ରୋନିକ୍ସ ସିଟିରେ ନାରାୟଣ ନିଜର ଅନ୍ୟ ୨ଜଣ ସାଥୀଙ୍କ ସହ ମିଶି ଭଡା ଘରେ ରହୁଥିବା ବେଳେ ୩ଜଣ ଯାକ ପୃଥକ କମ୍ପାନୀରେ କାମ କରନ୍ତି । ସୋମବାର ପୂର୍ବାହ୍ନରେ ପ୍ରତ୍ୟେକ ଦିନ ଭଳି ସେ ରହୁଥିବା ଘରକୁ ଖାଇବାକୁ ଆସିଥିଲେ। ସନ୍ଧ୍ୟାରେ ଅନ୍ୟ ୨ ସାଙ୍ଗ ରହୁଥିବା କୋଠରୀକୁ ଆସି ନାରାୟଣ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ ।

# 'ପ୍ରକୃତ କଳାକାରଙ୍କୁ ଭତ୍ତା ଦିଆଯାଉ'

ବାଲେଶ୍ୱର ଅଫିସ, ୩୧।୮

ପ୍ରକୃତ କଳାକାରଙ୍କୁ ସହାୟତା ଭତ୍ତା ଦିଆଯାଉ ବୋଲି ବାଲେଶ୍ୱର ଜିଲା ଲୋକକଳା, ଓଡ଼ିଆ ଭାଷା ସାହିତ୍ୟ ଓ ସମାଜସେବା କଲ୍ୟାଣ ସଂଘ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଲୋକକଳା, ଯାତ୍ରାକଳା, ସାଧାରଣକଳା, ଅଣକଳାକାର, ପାଲା, ଦାସକାଠିଆ, ସଂକୀର୍ତ୍ତନ, ଚଢ଼େଇୟାନାଚ, କେଳାକେଲୁଣୀ, ଛଉ ନାଚ ଆଦି କଳାକାରମାନଙ୍କୁ ସହାୟତାର ହାତ ବଢ଼ାଇ ରାଜ୍ୟ ସରକାର ଗତ ୨୦୧୯ରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଭତ୍ତା ପ୍ରଦାନ କରିଥିଲେ। ଜିଲା ସଂସ୍କୃତ ବିଭାଗ ଅଧିକାରୀଙ୍କଠାରେ ଆବେଦନ କରି ଚୟନ କରାଯାଇ ଭତ୍ତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଆବେଦନକାରୀଙ୍କ ପତ୍ରକୁ ଜିଲାପାଳଙ୍କ ଜରିଆରେ ବ୍ଲକକୁ ପଠାଇ କଳାକାର ଚିହ୍ନଟ ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ପାଦକ ଗଜେନ୍ଦ୍ର ଜେନା, ସହସମ୍ପାଦକ ଚନ୍ଦନ ଦାସ, ସଦସ୍ୟ ଶ୍ୟାମସୁନ୍ଦର ଦାସ ଓ ବିଜୟ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ କଳାକାର।

# ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର ଅଫିସ,୩୧।୮

ବାଲେଶ୍ୱର ଜିଲା କଂଗ୍ରେସ ଭବନ ପରିସରରେ ମଙ୍ଗଳବାର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଓ ଜିଲା ସଭାପତି ସଞ୍ଜୀବ ଗିରିଙ୍କ ଆହ୍ୱାନକ୍ରମେ ଜିଲା ଛାତ୍ର ସଭାପତି ଗୌତମ ସାହୁଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରରୁ ସମସ୍ତ ନିର୍ବାଚନମଣ୍ଡଳୀରୁ ଛାତ୍ରନେତା ଯୋଗ ଦେଇଥିଲେ। ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ଅଗଷ୍ଟ କ୍ରାନ୍ତି ଦିବସରେ ଛାତ୍ର କଂଗ୍ରେସ ତରଫରୁ ଆୟୋଜିତ ଅନଲାଇନ ବକ୍ତବ୍ୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ଉପ ସଭାପତି ଗୋପୀନାଥ ପାଢ଼ୀ, ସଦର ବ୍ଲକ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରା, କଂଗ୍ରେସ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ ଓ ବହୁ ଛାତ୍ର ନେତା ଉପସ୍ଥିତ ଥିଲେ।

# ୟାସ୍‌କୁ ୩ମାସ ବିତିଲା

# ପୋତାହୋଇନି ଘାଇ



ୟାସ୍ ବାତ୍ୟାରେ ରାସ୍ତାରେ ସୃଷ୍ଟି ହୋଇଥିବା ଘାଇ।

ଖଇରା, ୩୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୋର-କୁପାରୀ ରାଜ୍ୟ ରାଜପଥରୁ ଆଳଦା ଗ୍ରାମ ଦେଇ ତୋରାଣିପଦାଠାରେ ପଳସା -ଡୁଙ୍ଗୁରା ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାରେ ୟାସ୍ ବାତ୍ୟାରେ ସୃଷ୍ଟି ହୋଇଥିବା ଘାଇକୁ ପୋତା ଯାଉ ନ ଥିବାରୁ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଏ ସମ୍ପର୍କରେ ଗ୍ରାମବାସୀ ବିଭିନ୍ନ ନେତୃବୃନ୍ଦ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଗୁହାରି ପରେ ମଧ୍ୟ ପୋତା ଯାଉ ନ ଥିବାରୁ ଆଳଦା ଗ୍ରାମର ଶତାଧିକ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ୟାସ୍ ବାତ୍ୟା ଓ ବନ୍ୟା ପ୍ରଭାବରେ ମେ ୨୫ ଓ ୨୬ରେ ପ୍ରବଳ ବର୍ଷା ଯୋଗୁ ଉକ୍ତ ରାସ୍ତାରେ ଆନୁମାନିକ ୧୦ଫୁଟ ଓସାରର ଏକ ବଡ ଘାଇ ସମେତ ଅନ୍ୟ ୨ଟି ଛୋଟ ଘାଇ ସୃଷ୍ଟି ହୋଇଥିଲା। ୩ମାସ ବିତିଯାଇଥିଲେ ହେଁ ଏହାକୁ ପୋତା ନ ଯିବାରୁ ଆଳଦା ଗ୍ରାମ ସହ ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ରାସ୍ତାରେ ଏକ ପୋଲ ନିର୍ମାଣ କରାଯାଉ ନ ଥିବାରୁ ପ୍ରତ୍ୟେକ ବନ୍ୟାରେ ଘାଇ ସୃଷ୍ଟି ହେଉଥିବା ଗ୍ରାମବାସୀ କହିଛନ୍ତି । ଘାଇ ପୋତାଯିବା ବେଳେ ପାଣି ନିଷ୍କାସନ ବ୍ୟବସ୍ଥାକୁ ଦୃଷ୍ଟି ଦିଆଯିବାକୁ ଦାବି ହୋଇଛି । ସରପଞ୍ଚ ସୁଦର୍ଶନ ସେଠୀଙ୍କୁ ପଚାରିବାରେ ସୋଠ ପକାଇ ଘାଇ ପୋତାଯିବାର ବ୍ୟବସ୍ଥା କରାଯାଉଛି । ୨ରୁ ୩ଦିନ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଛନ୍ତି ।

